## ଆଜି କ'ଣ କେଉଁଠି

ସୋରଡ଼ା
- ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ:ସୀତାରାମ ପେଣ୍ଠ, ସମୟ : ପୂର୍ବାହ୍ନ ୧୦ଟା।
- ଏନ୍ଏସିର ବଡଖାନା କାର୍ଯ୍ୟକ୍ରମ, ସ୍ଥାନ: ଖୁଣ୍ଟେଶ୍ୱରୀ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା

## ବ୍ୟବସାୟୀଙ୍କୁ ଆକ୍ରମଣ, ୩ ଗିରଫ

ବ୍ରହ୍ମପୁର,୨୪।୯(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ଫାଷ୍ଟଫୁଡ଼ ଦୋକାନୀଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ସଦର ଥାନା ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ପଦରବାଲି ଗ୍ରାମର କୃଷ୍ଣ ଗୌଡ଼, ନନ୍ଦନ ଦାସ ଓ ବସନ୍ତ ଦାସ। ଅଭିଯୁକ୍ତମାନଙ୍କ ଠାରୁ ପୋଲିସ ଆକ୍ରମଣ ବେଳେ ବ୍ୟବହୃତ ଛୁରୀ ଓ ପଥର ଜବତ କରିଛି। ବାଘଝରି ଗ୍ରାମର ପିତାମ୍ବର ସାହୁ କାଲୁଆ ଛକରେ ଏକ ଫାଷ୍ଟଫୁଡ଼ ଦୋକାନ କରିଛନ୍ତି। ଗତ ୨୨ ତାରିଖ ସନ୍ଧ୍ୟାରେ ୩ଜଣ ଯୁବକ ଉକ୍ତ ଫାଷ୍ଟଫୁଡ଼ ଦୋକାନକୁ ଯାଇ ଖାଇଥିଲେ। ଦୋକାନ ମାଲିକ ପଇସା ମାଗିବାରୁ ଦିଆଯିବନି ବୋଲି କହିଥିଲେ। ମାଲିକ ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଛୁରୀ ଓ ପଥରରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ପୀତାମ୍ବରଙ୍କ ମୁଣ୍ଡ, ହାତ ଓ ଆଖିରେ ଆଘାତ ଲାଗିଥିଲା। ଅଭିଯୁକ୍ତମାନେ ସେଠାରୁ ଯିବା ପୂର୍ବରୁ ଖୁବଶୀଘ୍ର ଦୋକାନ ବନ୍ଦ କରିବାକୁ ପିତାମ୍ବରଙ୍କୁ ଧମକ ଦେଇ ଯାଇଥିଲେ। ପରେ ସେ ଏନେଇ ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୪୭୧/୨୩ ରେ ଏକ ମାମଲା ରୁଜୁ କରିଥିଲା। ଘଟଣାର ଅନୁସନ୍ଧାନ କରି ଉପରୋକ୍ତ ୩ ଅଭିଯୁକ୍ତଙ୍କୁ କାବୁ କରିଥିଲା ବୋଲି କହିଛି।

## ଠିକାଦାରଙ୍କୁ ଆକ୍ରମଣ କରି ଲୁଟ୍

ବ୍ରହ୍ମପୁର,୨୪।୯( ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ଠିକାଦାରଙ୍କୁ ଆକ୍ରମଣ କରାଯାଇ ଟଙ୍କା ଓ ସୁନାଗହଣା ଲୁଟ୍ ହୋଇଥିବା ନେଇ ନିମଖଣ୍ଡି ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ବ୍ୟକ୍ତି ଜଣକ ହେଲେ ଭବିନିପୁର ନୂଆସାହିର ଶମ୍ଭୁ ବେହେରା। ଶମ୍ଭୁ ଜଣେ ଠିକାଦାର। ୨ ଦୁର୍ବୃତ୍ତ ତାଙ୍କୁ ଆକ୍ରମଣ କରି ଟଙ୍କା ଓ ସୁନା ଲୁଟ୍ କରି ନେଇଯାଇଥିବା ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଗତ ୨୧ ତାରିଖ ସନ୍ଧ୍ୟାରେ ଶମ୍ଭୁ ତାଙ୍କ ଦୋକାନରେ ବସିଥିବା ବେଳେ ଦୁଇ ଦୁର୍ବୃତ୍ତ ସେଠାରେ ପହଞ୍ଚି ହଠାତ ଆକ୍ରମଣ କରିଥିବା ସେ ଏତଲାରେ ଦର୍ଶାଇଛନ୍ତି। ପୂର୍ବରୁ ୨ ଅଭିଯୁକ୍ତ ତାଙ୍କ ନିକଟରେ ରାଜମିସ୍ତ୍ରି ଭାବେ କାମ କରୁଥିଲେ। ଦୁହେଁ ଶମ୍ଭୁଙ୍କ ଠାରୁ ଟଙ୍କା ଧାର ନେଇଥିଲେ। ଏହି ଟଙ୍କା ଫେରାଇବା ପାଇଁ କହିବାରୁ ତାଙ୍କୁ ତଳେ ପକାଇ ମାଡ ମାରିଥିଲେ। ଏପରିକି ତାଙ୍କ ପକେଟରେ ଥିବା ୩୦ ହଜାର ଟଙ୍କା ଓ ସେ ପିନ୍ଧିଥିବା ସୁନା ମୁଦି ଲୁଟପାଟ କରିଥିବା ସେ ପୋଲିସକୁ ଜଣାଇଛନ୍ତି। ଅଭିଯୋଗ ହେବା ପରେ ପୋଲିସ ୩୧୨/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ତଦନ୍ତ ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ: ଡିଜିଏମ୍ଏସ୍

ବ୍ରହ୍ମପୁର,୨୪।୯(ସୁବାସ ଚନ୍ଦ୍ର ପାଢ଼ୀ)

### ପଥର ତଳେ ଚାପି ହୋଇ ୨ଜଣଙ୍କ ମୃତ୍ୟୁ ଘଟଣା

କୁକୁଡ଼ାଖଣ୍ଡି ବ୍ଲକ ସଦର ଥାନା ଅନ୍ତର୍ଗତ କାଲୁଆ ଛକ ନିକଟ ନିର୍ମାଣ ବିକାଶ କ୍ୱାରୀରେ ଗତ ୧୪ ତାରିଖରେ ୨ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାର ତଦନ୍ତ ଡାଇରେକ୍ଟର ଜେନେରାଲ ଅଫ ମାଇନ୍ସସେଫ୍ଟି(ଡିଜିଏସ୍ଏସ୍) କରିଥିବା ଜିଲା ଖଣି ଅଧିକାରୀ କୀର୍ତ୍ତି ରଞ୍ଜନ ସେଠ ସୂଚନା ଦେଇଛନ୍ତି। ଡିଜିଏମ୍ଏସ କ୍ୱାରୀରେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବା ସହ କେତେଜଣ କାମ କରୁଥିଲେ ଏବଂ ସେମାନଙ୍କ ସୁରକ୍ଷା ପାଇଁ କ'ଣ ପଦକ୍ଷେପ ଗ୍ରହଣ କରାଯାଇଥିଲା ତାହା ଯାଞ୍ଚ କରିଛନ୍ତି। ୨୪ ଘଣ୍ଟା ଗୋଟିଏ କ୍ୱାରୀ ଚାଲିପାରିବ। କିନ୍ତୁ ସୁରକ୍ଷା ଓ ନିରାପତ୍ତାକୁ ଦୃଷ୍ଟି ଦେବାକୁ ହେବ ବୋଲି ଜିଲା ଖଣି ଅଧିକାରୀ କହିଛନ୍ତି । ଘଟଣା ଘଟିବା ଦିନ ସକାଳୁ ବର୍ଷା ଜାରି ରହିଥିବା ସତ୍ତ୍ୱେ କର୍ମଚାରୀମାନେ କ୍ୱାରି ଉପରକୁ କାହିଁକି ଯାଇଥିଲେ, ଶ୍ରମିକଙ୍କୁ କାମ କରିବାକୁ କିଏ କହିଥିଲା ସମସ୍ତ ଘଟଣାର ତଦନ୍ତ କରାଯାଇଛି। ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତଦନ୍ତ ବେଳେ ଉକ୍ତ କ୍ୱାରୀ ପକ୍ଷରୁ କିଛି ତ୍ରୁଟି ରହିଥିବା ଜଣାପଡିଲେ ତାହା ବି ବନ୍ଦ ହୋଇପାରେ ବୋଲି ଖଣି ଅଧିକାରୀ କହିଛନ୍ତି। ଅନ୍ୟପକ୍ଷରେ ପଞ୍ଜୀକୃତ ହୋଇ ନଥିବା ଶ୍ରମିକ କ୍ୱାରୀରେ କାମ କରୁଥିଲେ ବୋଲି ଯୁଗ୍ମ ଶ୍ରମ ଆୟୁକ୍ତ ବାବୁ ଚରଣ ପାତ୍ର କହିଛନ୍ତି। କେତେଜଣ କାମ କରୁଥିଲେ ତାହାର ମଧ୍ୟ ରିପୋର୍ଟ ଶ୍ରମ ବିଭାଗକୁ ଦିଆଯାଇନାହିଁ। ଜଣେ ଶ୍ରମିକ ଠିକାଦାର କିଛି ଲୋକଙ୍କୁ ଆଣି ଏଠାରେ ନିୟୋଜିତ କରିଥିଲେ। ସେହି ଶ୍ରମିକ ଠିକାଦାର ଜଣକ କିଏ ଏବଂ ତାଙ୍କର ଲାଇସେନ୍ସ ଅଛିକି ନାହିଁ ତାହାର ତଦନ୍ତ କରାଯାଉଛି। ବେଆଇନ ଭାବେ ଚାଲିଥିବା କାର୍ଯ୍ୟ ଉପରେ ରୋକ ଲଗାଇବାକୁ ଇସ୍ପାତ ଓ ଖଣି ବିଭାଗ, ଶ୍ରମ ବିଭାଗ ଏବଂ ପୋଲିସ ପକ୍ଷରୁ ବିଶେଷ ପଦକ୍ଷେପ ହୋଇନଥିବା ସାଧାରଣରେ ଆଲୋଚନା ହେଉଛି। ସୂଚନାଯୋଗ୍ୟ, ଗତ ୧୪ତାରିଖରେ ବର୍ଷା ଲାଗି ରହିଥିବା ନିର୍ମାଣ ବିକାଶ କ୍ୱାରୀରେ କାମ ଜାରି ରହିଥିଲା। ସେଠାରେ ପଥର ଖସି ପଡିବାରୁ ଦିଗପହଣ୍ଡି ବ୍ଲକ ବି.ତୁରୁବୁଡି ପଞ୍ଚାୟତ ଅନ୍ତର୍ଗତ ପିଲିକାଡିହ ଆଦିବାସୀ ଗ୍ରାମର ଗୋବିନ୍ଦ ମଳିକ ଓ ଜଗା ମଳିକଙ୍କ ମୃତ୍ୟୁ ହୋଇଥିଲା। କୃଷ୍ଣ ବେହେରା ଓ ସୁଦର୍ଶନ ବଡ଼ରଇତ ଗୁରୁତର ହୋଇଥିଲେ। ୨ଜଣ ଶ୍ରମିକଙ୍କ ଜୀବନ ଯାଇଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ସେପଟେ ଜିଲା ପ୍ରଶାସନ ମଧ୍ୟ ଏଥିପତି କାହିଁକି ଦୃଷ୍ଟି ଦେଉନାହିଁ ତାହା ସନ୍ଦେହ ଘେରକୁ ଆସିଛି।

# ଗ୍ରେଡ ପେ' ସଂଶୋଧନ ଦାବି କଲେ ଅଧ୍ୟାପକ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ସଂଘର ସଦସ୍ୟ ବୃନ୍ଦ।

ବ୍ରହ୍ମପୁର,୨୪।୯(ସ୍ମୃତି ରଂଜନ ମହାଲିକ୍)

ପୂର୍ଣ୍ଣଅନୁଦାନ ପ୍ରାପ୍ତ ସରକାରୀ ଡିଗ୍ରୀ କଲେଜ ଅଧ୍ୟାପିକା ଅଧ୍ୟାପକଙ୍କୁ ଦରମା ପ୍ରଦାନ କ୍ଷେତ୍ରରେ ୫୪୦୦ ଗ୍ରେଡ ପେ'ର ସଂଶୋଧନ ପାଇଁ ଓଡିଶା ଷ୍ଟେଟ ସିଲେକ୍ସନ ବୋର୍ଡ ଅଧ୍ୟାପକ ସଂଘ ଗଞ୍ଜାମ ଜିଲା କମିଟି ଦାବି କରିଛି। ସଂଘ ପକ୍ଷରୁ ରବିବାର ଟାଟାବେଞ୍ଜ ଛକଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କୁହାଯାଇଛି ଯେ, ଷ୍ଟେଟ ସିଲେକ୍ସନ ବୋର୍ଡ଼ ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ୧୯୮୯ରେ ରାଜ୍ୟର ପୂର୍ଣ୍ଣ ଅନୁଦାନପ୍ରାପ୍ତ ଡିଗ୍ରୀ ମହାବିଦ୍ୟାଳୟଗୁଡିକ ପାଇଁ ୨୨୦୦ରୁ ୪୦୦୦ ହଜାର ଟଙ୍କା ସ୍କେଲ ଅଫ ପେ'ରେ ଅଧ୍ୟାପକମାନେ ନିଯୁକ୍ତି ପାଇଥିଲେ। ପରବର୍ତ୍ତୀ ସମୟରେ ଦୀର୍ଘ ୨୬ ବର୍ଷ ପରେ ଅର୍ଥାତ ୨୦୧୬ରେ ରାଜ୍ୟ ସରକାର ୧୬୨୫ ଜଣ ଅଧ୍ୟାପକଙ୍କୁ ଏସଏସବି ମାଧ୍ୟମରେ ନିଯୁକ୍ତି ଦେଇଥିଲେ। କିନ୍ତୁ ଉକ୍ତ ୨୬ ବର୍ଷ ସମୟ ବ୍ୟବଧାନ ମଧ୍ୟରେ ୪ଟି ବେତନ କମିଶନ ସୁପାରିଶ କାର୍ଯ୍ୟକାରୀ ହୋଇଥିଲେ ମଧ୍ୟ ଏହି ବର୍ଗର ଅଧ୍ୟାପକଙ୍କର ବେତନ ସମାନୁପାତିକ ହାରରେ ସରକାର ବୃଦ୍ଧି କରିନାହାନ୍ତି। ୬ଷ୍ଠ ବେତନ କମିଶନ ତଥା ଓଆରଏସପି ନିୟମ ୨୦୦୮ ଅନୁସାରେ ୫୪୦୦ ଗ୍ରେଡ଼ ପେ ଏବଂ ୭ମ ବେତନ କମିଶନ ତଥା ୨୦୧୭ ଓଆରଏସପି ନିୟମ ଅନୁସାରେ ବେତନ ପରିବର୍ତ୍ତେ ୪ ହଜାର ୬୦୦ ଗ୍ରେଡ ପେରେ ଦରମା ପ୍ରଦାନ କରାଯାଉଛି। ଯାହାକି ହାଏର ସେକେଣ୍ଡାରୀ ସ୍କୁଲରେ ପିଜିଟି ତଥା ସ୍ନାତକତ୍ତୋର ଶିକ୍ଷକଙ୍କର ଦରମା ସହିତ ସମାନ କରି ଦିଆଯାଇଛି। ଗ୍ରେଡ ପେ ସଂଶୋଧନ ଦାବିରେ ସଂଘର ରାଜ୍ୟ କମିଟିର ଆହ୍ୱାନକ୍ରମେ ଜିଲା କମିଟି ପକ୍ଷରୁ ଗତ ୫ ତାରିଖ ଠାରୁ ଜିଲାର ପ୍ରାୟ ୩ହଜାର ଅଧ୍ୟାପିକା ଅଧ୍ୟାପକ କଳାବ୍ୟାଜ ପରିଧାନ କରି ଶାନ୍ତି ପୂର୍ଣ୍ଣ ଆନ୍ଦୋଳନ ଜାରି ରଖିଛନ୍ତି। କିନ୍ତୁ ଦାବି ପୂରଣ ଦିଗରେ ରାଜ୍ୟ ସରକାର ଏ ଯାଏଁ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଏଣୁ ଦାବି ପୂରଣ ଦିଗରେ ରାଜ୍ୟ ସରକାର ଖୁବ ଶୀଘ୍ର ପଦକ୍ଷେପ ଗ୍ରହଣ କରିବା ପାଇଁ ସଂଘ ପକ୍ଷରୁ ଦାବି ହୋଇଛି। ଆଜିର ଖବରଦାତା ସମ୍ମିଳନୀରେ ସଂଘର ସଭାପତି ଡ଼. ବାଲା ଶିବାଜୀ ପାତ୍ର, ସମ୍ପାଦକ ଆମ୍ର ପ୍ରକାଶ ନାୟକ, କୋର କମିଟି ସଦସ୍ୟ ସମୀର କୁମାର ମିଶ୍ର, ଧର୍ମେନ୍ଦ୍ର ନାଥ ପାତ୍ର, ସୁଜାତା ସାମନ୍ତରାୟ, ଡ଼ ମୋନାଲିସା ମିଶ୍ର, ଗଙ୍ଗାଧର ପ୍ରଧାନଙ୍କ ସମେତ ଜିଲାର ବହୁ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ।

## ପ୍ରତିବାଦ ସଭା କରିବ ସହର ତଳି କ୍ରିୟାନୁଷ୍ଠାନ କମିଟି

ବ୍ରହ୍ମପୁର,୨୪।୯(ସ୍ମୃତି ରଞ୍ଜନ ମହାଲିକ)

ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରବିବାର ନିମଖଣ୍ଡିସ୍ଥିତ ରାଜୀବ ନଗରଠାରେ ଏକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ସହରତଳି ଅଞ୍ଚଳକୁ ବ୍ରହ୍ମପୁର ମହାନଗର ନିଗମରେ ସାମିଲ କରିବା ପ୍ରସଙ୍ଗକୁ ନେଇ ହାଇକୋର୍ଟ ଦୁଇ ଥର ନିର୍ଦ୍ଦେଶ ଦେବା ସତ୍ତ୍ୱେ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ୫-ଟି ସଚିବଙ୍କ ବ୍ରହ୍ମପୁର ଗସ୍ତ ବେଳେ ସହର ତଳି ଅଞ୍ଚଳ ମହାନଗରରେ ମିଶ୍ରଣ ନେଇ ଦାବିପତ୍ର ଦିଆଯିବାର ୧ ମାସ ମଧ୍ୟରେ ରାଜ୍ୟ ସରକାର କେଉଁ ନିଷ୍ପତ୍ତି ନେଲେ ସେ ବାବଦରେ ଜଣାଇ ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। କିନ୍ତୁ ଏ ଯାଏ କୌଣସି ସୂଚନା ପ୍ରଦାନ କରାଯାଇ ନାହିଁ। ଏଣୁ ଆଗାମୀ ଦିନରେ କମିଟି ପକ୍ଷରୁ ପ୍ରତିବାଦ ସଭା ଆୟୋଜନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ବୈଠକରେ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ, ଉପସଭାପତି ଦେବୀ ପ୍ରସାଦ ଦାସ, ଯୁଗ୍ମ ସଂପାଦକ ଟି ସୁଦେଶ ପାତ୍ର, ସଂଗଠନ ସଂପାଦକ ଶ୍ରୀକାନ୍ତ ପଢିହାରୀ, ସହ ସଂପାଦକ ବି ଭି ସାଗର, ସଂଯୋଜକ ସି ଏଚ ରାମ କ୍ରିଷ୍ଣା ଦାସ, ଉପ ସଂଯୋଜକ ଅନୀଲ ଅଧିକାରୀଙ୍କ ସମେତ କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ୨୭ରୁ ଜାତୀୟ ପର୍ଯ୍ୟଟନ ମହୋତ୍ସବ

ବ୍ରହ୍ମପୁର,୨୪।୯(ସ୍ମୃତି ରଞ୍ଜନ ମହାଲିକ)



ଖବରଦାତା ସମ୍ମିଳନୀରେ ଉପସ୍ଥିତ ମହୋତ୍ସବର ସଦସ୍ୟ ବୃନ୍ଦ।

ବିଶ୍ୱ ପର୍ଯ୍ୟଟନ ଦିବସ ଅବସରର ଆସନ୍ତା ୨୭ ତାରିଖରୁ ୨୯ ତାରିଖ ୩ ଦିନ ଧରି ବିଜୁ ପଟ୍ଟନାୟକ ସଂସ୍କୃତି ଭବନଠାରେ ଜାତୀୟ ପର୍ଯ୍ୟଟନ ମହୋତ୍ସବ ଅନୁଷ୍ଠିତ ହେବ। ଏ ନେଇ ରବିବାର ମୟୁରୀ ଟାୱାରଠାରେ ପର୍ଯ୍ୟଟନ ଭାରତ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ମହୋତ୍ସବର ପ୍ରଥମ ଦିନରେ ଫକୀର ମୋହନ ସେନାପତି ଛଅ ମାଣ ଆଠ ଗୁଣ୍ଠ ଓ ସମ ସାମୟିକ ସାହିତ୍ୟର ସ୍ୱର ଏବଂ ଶବ୍ଦ ସଂପର୍କରେ ଆଲୋଚନା ଚକ୍ର ଅନୁଷ୍ଠିତ ହେବ। ଏଥିସହ ଜଗନ୍ନାଥ ସଂସ୍କୃତି ଉପରେ ଆଧାରିତ ଦୀପିକା ଦାସଙ୍କ ରଚିତ ଓ ସତ୍ୟବ୍ରତ ଦାସଙ୍କ ନିର୍ଦ୍ଦେଶିତ ଓଡିଆ ନାଟକ ମଣିମାନ୍ତେ ପରିବେଶିତ ହେବ। ୨ୟ ଦିନ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ପର୍ଯ୍ୟଟନ ଓ ସବୁଜ ବିନିଯୋଗ ସଂପର୍କରେ ଏକ ଜାତୀୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଏଥିରେ ଭାରତର ବିଭିନ୍ନ ପ୍ରାନ୍ତରୁ ପର୍ଯ୍ୟଟନ ଗବେଷକମାନେ ଯୋଗ ଦେବା କାର୍ଯ୍ୟକ୍ରମ ରହିଛି। ସନ୍ଧ୍ୟାରେ ବ୍ରହ୍ମପୁରର କାର୍ଯ୍ୟରତ ଖବରଦାତାଙ୍କ ଦ୍ୱାରା ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ରବି ନାରାୟଣ ବେହେରାଙ୍କ ନିର୍ଦ୍ଦେଶିତ ନାଟକ 'ଅସ୍ତ ସୂର୍ଯ୍ୟର ସ୍ୱପ୍ନ' ମଞ୍ଚସ୍ଥ ହେବ। ଉଦଯାପନୀ ଦିବସରେ ଛାତ୍ରୀଛାତ୍ରଙ୍କ ପ୍ରତିଭା ଅନ୍ୱେଷଣ ଓ ବକ୍ତୃତା ପ୍ରତିଯୋଗିତା, ଜାତୀୟ ଫଟୋ ପ୍ରଦର୍ଶନୀ, ସଭା ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିସହିତ ଇଶା ଭିଜନ ପକ୍ଷରୁ ଜାତୀୟ ଚଳଚ୍ଚିତ୍ର ଅନୁଷ୍ଠିତ ହେବ। ଏଥିରେ ୩୫ଟି ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ ହେବ। ଏହି ୩ ଦିନିଆ ମହୋତ୍ସବର ପ୍ରତ୍ୟେକ ସନ୍ଧ୍ୟାରେ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଲୋକ ନୃତ୍ୟ ଓ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଖବରଦାତା ସମ୍ମିଳନୀରେ ମହୋତ୍ସବର ସଭାପତି ରବି ନାରାୟଣ ବେହେରା, ଉପସଭାପତି ଅନୀଲ କୁମାର ପାତ୍ର, ସହ ସଂପାଦକ ଡ ମିହିର କୁମାର ତ୍ରିପାଠୀ, ସାଂସ୍କୃତିକ ସଂଯୋଜକ ରାଜ ଗୋପାଳ ପାଢି ପ୍ରମୁଖ ଉପସ୍ଥିତ ଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
bmpselfie@gmail.com


@ ଲକ୍ଷ୍ମଣ


@ ପପୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଅସ୍ଥିଶଲ୍ୟ ମଞ୍ଚର ବାର୍ଷିକ ସମ୍ମିଳନୀ


ସମ୍ମିଳନୀରେ ଉପସ୍ଥିତ ଡାକ୍ତର।

ବ୍ରହ୍ମପୁର,୨୪।୯(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଅସ୍ଥିଶଲ୍ୟ ମଞ୍ଚ ପକ୍ଷରୁ ଶନିବାର ପୁରୁଣା ବସଷ୍ଟାଣ୍ଡ ସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ବାର୍ଷିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ଡା. ପଙ୍କଜ ଜିନ୍ଦଲ, ଡା. ସନ୍ତୋଷ ରଥ, ଡା. ସଂଜୀବ ବେହେରା ଓ ଡା. ଅଜିତ ତିୱାରୀଙ୍କ ପରି ସର୍ବଭାରତୀୟ ସ୍ତରର ପ୍ରତିଷ୍ଠିତ ଅସ୍ଥିଶଲ୍ୟ ବିଶେଷଜ୍ଞମାନେ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ମଞ୍ଚର ଉପଦେଷ୍ଟା ପଦ୍ମଶ୍ରୀ ଡା କୃଷ୍ଣ ମୋହନ ପାଠୀ, ସଭାପତି ଡା ଅବନୀ କାନ୍ତ ମିଶ୍ର, ସମ୍ପାଦକ ଡା. ସଙ୍କର୍ଷଣ ପାତ୍ର, କୋଷାଧ୍ୟକ୍ଷ ଡା ସୌଭାଗ୍ୟ ହୋତା, ସହ ସମ୍ପାଦକ ଡା ରବୀନ୍ଦ୍ର କୁମାର ନାୟକ, ସାଙ୍ଗଠନିକ ସମ୍ପାଦକ ଡା ପ୍ରକାଶ ମଲ୍ଲ, ଓଡିଶା ଅସ୍ଥିଶଲ୍ୟ ସଙ୍ଘର ସଭାପତି ଡା. କ. ସସ୍କର ରାଓ, ବିଭାଗୀୟ ମୁଖ୍ୟ ଡା. ଚନ୍ଦ୍ର ଶେଖର ପ୍ରଧାନ ଏଥିରେ ସାମିଲ ରହିଥିଲେ। ମଞ୍ଚର କର୍ମକର୍ତ୍ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ଓଡିଶା ଓ ଓଡିଶା ବାହାରୁ ଅନେକ ଅସ୍ଥିଶଲ୍ୟ ଅଭିଜ୍ଞ ଯୋଗଦେଇ ଅତ୍ୟାଧୁନିକ ଅସ୍ଥିଶଲ୍ୟ ଚିକିତ୍ସା ଉପରେ ଆଲୋକପାତ କରିଥିଲେ। ପରିଶେଷରେ ସାଙ୍ଗଠନିକ ସମ୍ପାଦକ ଡା ପ୍ରକାଶ ମଲ୍ଲ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ରହ୍ମପୁରରେ ମନ୍ କୀ ବାତ୍ କାର୍ଯ୍ୟକ୍ରମ

ବ୍ରହ୍ମପୁର,୨୪।୯(ନରସିଂହ ସାହୁ)

ବ୍ରହ୍ମପୁରରେ ଭାଜପା ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୦୫ତମ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଦୁଇ ମଣ୍ଡଳ ସ୍ତରରେ ଅନୁଷ୍ଠିତ ହୋଇଯାଇଛି। ଗୋଷାଣୀ ନୂଆଗାଁ କାର୍ଯ୍ୟକ୍ରମରେ ନେତା ଓ କର୍ମୀ ସାହି ବସ୍ତିରୁ ଲୋକଙ୍କୁ ଆଣି ମୋଦୀଙ୍କ ଭାଷଣ ଶୁଣାଇଥିଲେ। ମଣ୍ଡଳ ସଭାପତି କୃଷ୍ଣ ଚନ୍ଦ୍ର ଚୌଧୁରୀ ସଂଯୋଜନା କରିଥିଲେ।ସେହିପରି ପୁରୁଣା ବ୍ରହ୍ମପୁର ମଣ୍ଡଳ ପକ୍ଷରୁ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ ହୋଇଥିଲା। ମଣ୍ଡଳ ସଭାପତି ଟୁଙ୍ଗୁରୁ ପାତ୍ର ସଂଯୋଜନା କରିଥିଲେ। ଉଭୟ କାର୍ଯ୍ୟକ୍ରମରେ ଜିଲା ଉପସଭାପତି ସୁନୀଲ କୁମାର ସାହୁ, ସାଧାରଣ ସମ୍ପାଦକ ପ୍ରଭାତ ଷଡ଼ଙ୍ଗୀଙ୍କ ସମେତ ସାମୁଏଲ ବେହେରା, ରବି ନାରାୟଣ ସାବତ, ନରସିଂହ ଶତପଥୀ, ମନୋଜ ପାଢ଼ୀ, ଏସ. ଶ୍ରୀନିବାସ, ଉପେନ୍ଦ୍ର ସେଠୀ, କ୍ରିଷ୍ଣା ସାହୁ, ଧର୍ମରାଜ ପାଣିଗ୍ରାହି, ମହିଳା ମୋର୍ଚ୍ଚା ସଭାନେତ୍ରୀ ରତ୍ନଗର୍ଭା ସରସ୍ୱତୀ, କେ. ବାସନ୍ତୀ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଶିବିର

ବ୍ରହ୍ମପୁର,୨୪।୯(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷା ରୂପଶ୍ରୀ ଚୌଧୁରୀଙ୍କ ନିର୍ଦ୍ଦେଶ କ୍ରମେ ଏକ ସଚେତନତା ଶିବିର ବ୍ରହ୍ମପୁର ଜୁନିୟର ଖଲିକୋଟ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। 'ପୋକସୋ ଆକ୍ଟ, ଭିକ୍ଟିମ କମ୍ପେନ୍ସେସନ ଏବଂ ସାଇବର ଲ' ସମ୍ପର୍କରେ ସଚେତନ କରାଯାଇଥିଲା। ଶିବିରରେ ଜିଲା ଆଇନ ସେବା ପ୍ରାଧୀକରଣ ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ଟି.କେ ରେଡ୍ଡୀ, ସଦସ୍ୟା ତଥା ଆଇନଜୀବୀ ଡ଼. ମିନାକ୍ଷୀ ଦେବୀ, ପିଏଲଏଭିଯୁଏସ ସଦସ୍ୟା ସବିତା ସାହୁକାର, ବ୍ରହ୍ମପୁର ସାଇବର ଥାନା ଡିଏସ୍ପି ଏ.କେ ନାୟକ, ମହାବିଦ୍ୟାଳୟର ଅଧ୍ୟାପିକା ସନ୍ଧ୍ୟା ପଟ୍ଟନାୟକ, ଅଧ୍ୟାପିକା ମୋନାଲିସା ସାହୁଙ୍କ ସମେତ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।



ସାଧାରଣ ନିର୍ବାଚନ ଲାଗି ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଆରମ୍ଭ ହୋଇଛି। ହାଇଦ୍ରାବାଦରୁ ଆସିଥିବା ଭିଭିପାଟ ମେଶିନକୁ ରବିବାର କଡ଼ା ସୁରକ୍ଷାରେ ଛତ୍ରପୁରସ୍ଥିତ ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟ ଗୋଦାମ ଘରେ ରଖାଯାଉଛି। (ଫଟୋ- ଦିଲୀପ କୁମାର ସାମଲ)

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ: ଜାତୀୟ ସେବା ଯୋଜନା ପ୍ରତିଷ୍ଠା ଦିବସ

ବ୍ରହ୍ମପୁର,୨୪।୯(ତନୁଶ୍ରୀ ନାହାକ)



ଏନଏସଏସ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ରବିବାର ସିନେଟ ହଲ ଠାରେ ଜାତୀୟ ସେବା ଯୋଜନାର ୫୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ଅଧ୍ୟକ୍ଷତା କରିଥିଲେ। ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମ ଅଧିକାରୀ ଡ.ଜୟନ୍ତ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ନାତକୋତ୍ତର ବିଭାଗ ସମୁହ ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ବରାଳ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ୫ ଜଣ ସ୍ୱେଚ୍ଛାସେବୀ ଓ ୪ଜଣ କାର୍ଯ୍ୟକ୍ରମ ଅଧିକାରୀଙ୍କୁ ପୁରସ୍କୃତ କରାଯାଇଥିଲା। ୨୦୨୨-୨୩ ବର୍ଷ ପାଇଁ ଏନଏସଏସ ଅଧୀନରେ ଉତ୍କୃଷ୍ଟ ସେବା ପ୍ରଦାନ କରିଥିବା ରାୟଗଡା ଜିଲ୍ଲାର ଗୁଣୁପୁର କଲେଜ ଏନଏସଏସ ୟୁନିଟକୁ ଶ୍ରେଷ୍ଠ ୟୁନିଟ୍ ଭାବେ ପୁରସ୍କୃତ କରାଯାଇଥିଲା। ସେହିପରି ଏହାର କାର୍ଯ୍ୟକ୍ରମ ଅଧିକାରୀ ଡ. ଦେବୀଶ୍ରୀ ମହାପାତ୍ରଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ମାଲକାନଗିରି ଜିଲାର କୁଡୁମୁଲୁଗୁମ୍ମାସ୍ଥିତ ଡାରଗନ ମେମୋରିଆଲ ଡିଗ୍ରୀ କଲେଜର କାର୍ଯ୍ୟକ୍ରମ ଅଧିକାରୀ ସଞ୍ଜିତା ଖୋସଲା, ସୁନାବେଡା ମହିଳା ଡିଗ୍ରୀ ମହାବିଦ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀ ସରିତା ପରିଡା ଓ ଶଶିଭୂଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟର ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ମନିଷା ମିଶ୍ରଙ୍କୁ ଶ୍ରେଷ୍ଠ କାର୍ଯ୍ୟକ୍ରମ ଅଧିକାରୀ ଭାବେ ପୁରସ୍କୃତ କରାଯାଇଛି। ସେପହିରି ଗୁଣୁପୁର କଲେଜରୁ କୋଟନି ନିଶିଥା, ଗୁନିଗୁଡାରୁ କେତକି ପାଲକିଆ, ସୁନାବେଡା ମହିଳା ମହାବିଦ୍ୟାଳୟର ଅପରୂପା ଓଝା, ଏଏମସିଏସ ଟିକିବାଲି କଲେଜର ଜ୍ୟୋର୍ତିମୟୀ ପ୍ରଧାନ ଓ ଏସବିପି ଡିଗ୍ରୀ କଲେଜ ସାମନ୍ତିଆପଲ୍ଲିର ଶୁଭଶ୍ରୀ ଦାଶଙ୍କୁ ଜାତୀୟ ସେବା ଯୋଜନା ଅଧିନରେ ଉତ୍କୃଷ୍ଟ ସେବା ପାଇଁ ପୁରସ୍କୃତ କରାଯାଇଛି। ପ୍ରଫେସର ଗୀତାଞ୍ଜଳି ଦାସ ଛାତ୍ରୀଛାତ୍ରଙ୍କୁ ସୁସ୍ଥ ସମାଜ ଗଠନ ଦିଗରେ କାର୍ଯ୍ୟ କରିବା ପାଇଁ ଉତ୍ସାହିତ କରିଥିଲେ। ସ୍ୱେଚ୍ଛାସେବୀମାନେ ସମାଜ ସେବା ପ୍ରତି ନିଜକୁ ଉତ୍ସର୍ଗ କରିବା ସହ ଏକ ସୁନାଗରିକ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏଥିରେ ଏନଏସଏସ ପିଜି ୟୁନିଟ ପକ୍ଷରୁ ଶ୍ରଦ୍ଧାସୁମନ ନାମକ ବାର୍ଷିକ ପତ୍ରିକା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମ ଅଧିକାରୀ ଶକ୍ତିରଞ୍ଜନ ଦାଶ ବାର୍ଷିକ ବିବରଣି ପାଠ କରିଥିବା ବେଳେ କାର୍ଯ୍ୟକ୍ରମ ଅଧିକାରୀ ଡ଼. ଇତିଶ୍ରୀ ଗୀତା କୁମାରୀ ପରିଚାଳନା କରିଥିଲେ । ଶେଷରେ କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ଶଙ୍କର୍ଷଣ ମଲ୍ଲିକ ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ । ଉତ୍ସବରେ ଏନଏସଏସ ଅଧିକାରୀ ସୁଶାନ୍ତ କୁମାର ସାହୁ, ସୌମ୍ୟଶ୍ରୀ ସାହୁ, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ସୁଦାମ ଚରଣ ବିଶୋଇ ପ୍ରମୂଖ ଯୋଗ ଦେଇଥିଲେ। ଏନଏସଏସ ପିଜି ୟୁନିଟ ସହ ଗୋପାଳପୁର କଲେଜ, ସିଟି କଲେଜ, ଶଶିଭୂଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟ, ମହାମାୟୀ କଲେଜରୁ ବହୁ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ।

